ପିଠା

# ମିଶନ ଶକ୍ତି

PEETHA

୨୦୦୧ ମସିହା ମାର୍ଚ୍ଚ ୮ ତାରିଖ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଶୁଭାରମ୍ଭ ହୋଇଥିବା 'ମିଶନ ଶକ୍ତି' କାର୍ଯ୍ୟକ୍ରମ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କର ମାନସ ସନ୍ତାନ । ୬ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୭୦ ଲକ୍ଷ ମହିଳା ସଦସ୍ୟା ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇପାରିଛନ୍ତି । ଓଡିଶାର ମହିଳାମାନଙ୍କୁ ସଶକ୍ତ କରାଇବାରେ 'ମିଶନ ଶକ୍ତି' ରାଜ୍ୟରେ ଏକ ନୀରବ ବିପ୍ଳବର ରୂପ ନେଇଛି ।

ଗୋଷ୍ଠୀମାନେ ବିଭିନ୍ନ ପାରମ୍ପରିକ ଧନ୍ଦାମୂଳକ କାର୍ଯକ୍ରମ କରିବା ସହିତ ଅନ୍ୟାନ୍ୟ ଜୀବିକା ପ୍ରାଣାଳୀ ଯଥା- LED ବଲ୍‌ବ ତିଆରି, ସାନିଟାରି ନ୍ୟାପ୍‌କିନ୍ ତିଆରି, ଇଲେକ୍ଟ୍ରିକ୍ ମିଟର ରିଡିଙ୍ଗ, ବିଜୁ ଗାଁ ଗାଡି ଚାଳନା ଦାୟିତ୍ୱ, ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ପୁଷ୍ଟିକର ଖାଦ୍ୟ (THR) ଯୋଗାଇ ଦେବା ଭଳି ଅନେକ କାର୍ଯ୍ୟକ୍ରମରେ ସାମିଲ ହୋଇପାରିଛନ୍ତି ।

ଏହି କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରାଇବା ପାଇଁ ମିଶନ ଶକ୍ତି ନିର୍ଦ୍ଦେଶାଳୟ ଗଠନ ହୋଇଅଛି । ରାଜ୍ୟ, ଜିଲ୍ଲା, ବ୍ଲକ ସ୍ତରରେ ମିଶନ ଶକ୍ତି କାର୍ଯ୍ୟ ନିମନ୍ତେ ସ୍ୱତନ୍ତ୍ର କର୍ମଚାରୀ କାର୍ଯ୍ୟରତ ଅଛନ୍ତି ।

**ଓଡିଶା ସରକାର, ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ପାଇଁ ବହୁମୁଖୀ ସହାୟତା ପ୍ରଦାନ କରୁଛନ୍ତି ।**

- ଏପ୍ରିଲ ୨୦୧୭ ପୂର୍ବରୁ ଏବଂ ପରେ ଗଠିତ ହୋଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଯେଉଁମାନେ ଅଦ୍ୟାବଧି କୌଣସି ସରକାରୀ ଆର୍ଥିକ ସହାୟତା ପାଇନାହାନ୍ତି, ସେହି ଗୋଷ୍ଠୀମାନଙ୍କୁ ୧୫,୦୦୦/- ଟଙ୍କାର ସିଡ୍ ମନି (Seed Money) ସହାୟତା ପ୍ରଦାନର ବ୍ୟବସ୍ଥା ।

  Seed Money ସହାୟତା ଗୋଷ୍ଠୀ ମାନଙ୍କୁ ବ୍ୟାଙ୍କରୁ ଋଣ ପାଇବାରେ ସହାୟକ ହେବ ।
- ମିଶନ ଶକ୍ତି ଋଣ ଯୋଜନା ଅଧୀନରେ ଗୋଷ୍ଠୀମାନେ ନିୟମିତ ବ୍ୟାଙ୍କ ଋଣ ପରିଶୋଧ କରି ଏକାଧିକ ବାର ଋଣ ନେଇ ପ୍ରତିଥର ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ବାର୍ଷିକ ୧% ସୁଧରେ ପରିଶୋଧ କରି ପାରିବେ ।
- ଡିଜିଟାଲ ସଶକ୍ତିକରଣ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୨୦୧୭ ପୂର୍ବରୁ ଗଠିତ ହୋଇଥିବା ପ୍ରତି ଗୋଷ୍ଠୀକୁ ୩୦୦୦ ଟଙ୍କା ଓ ପରବର୍ତ୍ତୀ ପର୍ଯ୍ୟାୟରେ ଏପ୍ରିଲ ୨୦୧୭ ପରେ ଗଠିତ ହୋଇଥିବା ପ୍ରତି ଗୋଷ୍ଠୀକୁ ୩୦୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ଯାହାକି ସ୍ମାର୍ଟଫୋନ କିଣିବାରେ ଉପଯୋଗୀ ହେବା ସହିତ ସେମାନଙ୍କର ଦକ୍ଷତା ବୃଦ୍ଧିରେ ସହାୟକ ହେବ । ଗୋଷ୍ଠୀମାନେ ମିଶନ ଶକ୍ତିର ବିଭିନ୍ନ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ସରକାରୀ ଯୋଜନା ବିଷୟରେ ତ୍ୱରିତ ସୂଚନା ସହ ଯୋଜନାଗୁଡିକର ସୁଫଳ ପାଇବା ଦିଗରେ ସକ୍ଷମ ହୋଇପାରିବେ ।
- ମହିଳା ଉତ୍ପାଦକ ଗୋଷ୍ଠୀ (PG) ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସମ୍ଭାବ୍ୟ ଆର୍ଥିକ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ ପ୍ରତି ବ୍ଲକ ସ୍ତରୀୟ ମହାସଂଘ ନିମନ୍ତେ ୨୫ ଲକ୍ଷ ଟଙ୍କାର ସହାୟତା ପାଣ୍ଠି ପ୍ରଦାନର ବ୍ୟବସ୍ଥା ।
- ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ମିଶନ ଶକ୍ତି ଗୃହ ନିର୍ମାଣ କରାଯାଉଅଛି ।

**ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କ ପାଇଁ ନିମ୍ନଲିଖିତ ରୋଜଗାର ଭିତ୍ତିକ ତାଲିମ ପ୍ରଦାନ ବ୍ୟବସ୍ଥା କରାଯାଉଛି ।**

- ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ମାଧ୍ୟମରେ ଗ୍ରାମପଞ୍ଚାୟତ ପୋଖରୀରେ ମାଛ ଚାଷ ଓ ଗୋଷ୍ଠୀମାନଙ୍କ ଦ୍ୱାରା କୁକୁଡା ପାଳନ ପାଇଁ ତାଲିମ ପ୍ରଦାନ କରାଯାଉଅଛି ।
- ଓଡିଶା କୃଷି ବିଶ୍ୱବିଦ୍ୟାଳୟ (OUAT) ମାଧ୍ୟମରେ ଛତୁଚାଷ, ମହୁ ଚାଷ, ପନିପରିବା ଚାଷ, ଛେଳି ଚାଷ ଓ ଅନ୍ୟାନ୍ୟ ପଶୁପାଳନ ଏବଂ ଜୈବିକ ଖତ ପ୍ରସ୍ତୁତ ଇତ୍ୟାଦି ପ୍ରଣାଳୀର ତାଲିମ୍ ଦିଆଯାଉଅଛି ।
- ଉଦ୍ୟାନ ବିଭାଗ ମାଧ୍ୟମରେ ଛତୁ ଚାଷ, ପନିପରିବା ଚାଷ ଓ ଖାଦ୍ୟ ପ୍ରକ୍ରିୟାକରଣ (Food Processing) ପାଇଁ ତାଲିମ ଦିଆଯାଉଅଛି ।
- NIFT ମାଧ୍ୟମରେ ବିଭିନ୍ନ ଡିଜାଇନର ପୋଷାକ ପ୍ରସ୍ତୁତ ପ୍ରଣାଳୀ ପାଇଁ ତାଲିମ୍ ଦିଆଯାଉଅଛି ।
- ORMAS ମାଧ୍ୟମରେ ମହିଳା ଉତ୍ପାଦକ ଗୋଷ୍ଠୀ ଗଠନ ଓ ଉତ୍ପାଦିତ ଦ୍ରବ୍ୟର ବିକ୍ରୟ ବ୍ୟବସ୍ଥା କରାଯାଉଅଛି ।
- ରାଜ୍ୟର ବିଭିନ୍ନ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ "ମିଶନ ଶକ୍ତି ବଜାର" ସ୍ଥାପନ କରାଯିବାର ଯୋଜନା ଅଛି ।

ପିଠା

MISSION
Shakti
ମିଶନ ଶକ୍ତି

PEETHA

# ମିଶନ ଶକ୍ତି ଋଣ

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବ୍ୟାଙ୍କ ସହିତ ସଂଯୋଗୀକରଣ ଓ ଋଣ ପ୍ରଦାନ ରେ ସହାୟକ ହେବା ତଥା ବ୍ୟାଙ୍କ ଋଣ ମାଧ୍ୟମରେ ଗୋଷ୍ଠୀମାନଙ୍କର ଆର୍ଥିକ ବିକାଶ ଓ ଜୀବିକା ପ୍ରୋତ୍ସାହନ କରାଇବା ମିଶନ ଶକ୍ତିର ଏକ ପ୍ରମୁଖ କାର୍ଯ୍ୟକ୍ରମ ।

ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଉଦ୍ୟୋଗୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ସହିତ ବ୍ୟାଙ୍କ ଋଣ ଉପରେ ସୁଧ ରିହାତି ଦେବା ନିମନ୍ତେ ଓଡିଶା ସରକାର **'ମିଶନ ଶକ୍ତି ଋଣ'** ଯୋଜନା କାର୍ଯ୍ୟକାରି କରିଛନ୍ତି ।

## "ମିଶନ ଶକ୍ତି ଋଣ" ଯୋଜନାର ବୈଶିଷ୍ଟ୍ୟ :

- ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କାର୍ଯ୍ୟକ୍ଷମ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏହି ଯୋଜନା ଅଧୀନରେ ଅନ୍ତର୍ଭୁକ୍ତ ।
- ୧ ଏପ୍ରିଲ ୨୦୧୫ ପରଠାରୁ ବ୍ୟାଙ୍କରୁ ଋଣ ନେଇ ନିୟମିତ କିସ୍ତି ପରିଶୋଧ କରୁଥିବା ଗୋଷ୍ଠୀ ଉକ୍ତ ଯୋଜନା ଅଧୀନରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ରାଶି ଉପରେ ବାର୍ଷିକ ୧% ସୁଧ ହାରର ସୁବିଧା ପାଇପାରିବେ ।
- ଗୋଷ୍ଠୀମାନେ ବ୍ୟାଙ୍କର ପ୍ରଚଳିତ ସୁଧ ହାରରେ ନିୟମିତ କିସ୍ତି ପରିଶୋଧ କରୁଥିଲେ, ରାଜ୍ୟ ସରକାର ବାର୍ଷିକ ୧% ସୁଧ ରାଶିରୁ ଅଧିକ ସୁଧ ରାଶି ସମ୍ପୃକ୍ତ ଗୋଷ୍ଠୀମାନଙ୍କ ବ୍ୟାଙ୍କ ଖାତା ମାଧ୍ୟମରେ ଫେରସ୍ତ କରୁଛନ୍ତି ।
- ଏହି ଯୋଜନା ଅଧୀନରେ ଗୋଷ୍ଠୀମାନେ ଋଣ ପରିଶୋଧ କରି ଏକାଧିକ ବାର ଋଣ ନେଇ, ପ୍ରତିଥର ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ବାର୍ଷିକ ୧% ସୁଧରେ ପରିଶୋଧ କରି ପାରିବେ ।
- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ବ୍ୟାଙ୍କ ଋଣ ମାଧ୍ୟମରେ ପାଉଥିବା ସୁଧ ରିହାତି ଗୋଷ୍ଠୀର ସଞ୍ଚୟ ଓ ଆୟ ବୃଦ୍ଧି ହେବାରେ ସାହାଯ୍ୟ କରୁଅଛି । ଏହାକୁ ବିନିଯୋଗ କରି ସେମାନେ ବିଭିନ୍ନ ସାମାଜିକ ଓ ଅନ୍ୟାନ୍ୟ ଅର୍ଥଉପାର୍ଜନକାରି କାର୍ଯ୍ୟକ୍ରମ ହାତକୁ ନେଇପାରୁଛନ୍ତି ।

ବି.ଦ୍ର :- ମିଶନ ଶକ୍ତି କାର୍ଯ୍ୟକ୍ରମ ମାଧ୍ୟମରେ ଯୋଗାଇଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ, ତାଲିମ୍ ଓ ମିଶନ ଶକ୍ତି ଋଣ ବିଷୟରେ ସବିଶେଷ ସୂଚନା ପାଇଁ ନିକଟସ୍ଥ ବ୍ୟାଙ୍କ ଶାଖା ଓ ବ୍ଲକ ସ୍ତରୀୟ ICDS କାର୍ଯ୍ୟାଳୟ ଅନ୍ତର୍ଗତ ମିଶନ ଶକ୍ତି ଉପବିଭାଗ ସହିତ ଯୋଗାଯୋଗ କରିପାରିବେ ।

